# ଧରିତ୍ରୀ

DHARITRI.COM

Vol VIII Issue No.170 Wednesday, 20 June 2007



ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ବା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ । -ଶ୍ରୀମା

## କେନ୍ଦ୍ରର ଘଇତାପଣିଆ/ସମ୍ପାଦକୀୟ

Click to enlarge text: A A A A

ଯଦି ଓଡିଆ ଜାତି ଏବଂ ରାଜ୍ୟ ସରକାର ସ୍ପଷ୍ଟ ବୁଝିପାରିଲେଣି ଯେ ଯେତେ କାହୁଣିମାହୁଣି ହୋଇ ଗୁହାରି କଲେ ମଧ୍ୟ କେନ୍ଦ୍ର ବରଫ ଭଳି ଆମର ଦାବି ପ୍ରତି ଥଣ୍ଡା ରହୁଛି, ତେବେ ଦାବି କରିବାର ମୂଲ୍ୟ କ'ଣ ? ଦାବି ପରେ ଦାବି କରି ଚାଲିଥିବା କିନ୍ତୁ କୌଣସି ପ୍ରତିକ୍ରିୟା ନ ମିଳିଲେ ଆମେ ହାସ୍ୟାସ୍ପଦ ପରିସ୍ଥିତିରେ ପଡୁଛେ । ଅପରପକ୍ଷରେ କୌଣସି ଦାବି ନ କଲେ କିଛି ଲୋକ ଏଭଳି ମୋଟା ଚମଡାର ଅଛନ୍ତି ଯେଉଁମାନେ କହିବେ 'ଛୁଆ ନ କାନ୍ଦିଲେ ମା' କ୍ଷୀର ଦିଏନି' କିମ୍ବା 'ଶୋଇଲା ପୁଅର ଭାଗ ନାହିଁ' । ଯିବା କେଉଁଆଡେ ? ଯଦି ଆସାମ ଏବଂ ପଞ୍ଜାବର ଉଦାହରଣକୁ ଦେଖାଯାଏ ତେବେ ସମ୍ଭବତଃ ଅର୍ଥନୈତିକ ପ୍ରତିରୋଧ ଏକ ସଫଳ ଉପାୟ ହୋଇପାରେ । ଓଡିଶାରୁ ରପ୍ତାନି ହେଉଥିବା କୋଇଲା, ଲୁହାପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ତୁରନ୍ତ ବ୍ଲକେଡ୍ କରାଯିବା ସହିତ କେନ୍ଦ୍ର ଦ୍ୱାରା ଲଦି ଦିଆଯାଇଥିବା ପସ୍କୋ ଭଳି ପ୍ରକଳ୍ପକୁ ମଧ୍ୟ ବାତିଲ କରାଯିବା ଉଚିତ । ଏଥିସହିତ ନାଲ୍କୋ ଏବଂ ଏନ୍‌ଟିପିସି ଭଳି ସଂସ୍ଥାମାନଙ୍କୁ ଆଲୁମିନିୟମ, ବିଦ୍ୟୁତ୍‌ଶକ୍ତି ଭଳି ଉତ୍ପାଦ ରାଜ୍ୟ ବାହାରକୁ ଛଡାଯିବାରୁ ନିବୃତ୍ତ କରାଯିବା ଦରକାର । ଆମେ ପଲେ ଓଡିଆ ଯଦି କୌଣସି ଭାବେ ଏକ ସ୍ପଷ୍ଟ ପଦକ୍ଷେପ ନେବାରେ ପଛଘୁଞ୍ଚା ଦେବା ତେବେ କେହି ଆମର ଗୁହାରି ଶୁଣିବେ ନାହିଁ । ଅର୍ଥାତ୍ ଗୁହାରି ଏବଂ ନ୍ୟାଯ୍ୟ ଦାବିର ତଫାତ୍ ଏହି ଜାତି ବୁଝିବା ଦରକାର । ଆମେ ଆମର କ୍ଷମତା ପ୍ରୟୋଗ କରିବାରେ ଅସଫଳ ହେଉନ୍ତୁ ବୋଲି ସମସ୍ତେ ଘଇତା ହେବାକୁ ଆଗେଇ ଆସୁଛନ୍ତି । ଦେହଜୀବୀ ମଧ୍ୟ ସମ୍ମାନର ସହିତ ତା'ର ପ୍ରାପ୍ୟ ଦାବି କରିଥାଏ । କେନ୍ଦ୍ର ଓଡିଶାକୁ ସବୁବେଳେ ବଳାତ୍କାର କରି ଚାଲିଛି ଏବଂ ଆମେ ନୀରବତାର ସହିତ ତାକୁ ଗ୍ରହଣ କରୁନ୍ତୁ । ରାଜ୍ୟର ହିତ ଆଖିରେ ରଖିବା ପରିବର୍ତ୍ତେ ଆମେ ଏଠି ଜନତା, କଂଗ୍ରେସ, ଭାଜପା ବିଭେଦରେ ମାତୁନ୍ତୁ ।



©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.